ସୂଚନା ଓ ଲୋକ ସଂପର୍କ ବିଭାଗ
Information & Public Relations Department
Government of Odisha, Bhubaneswar-751001
Phone : (91-674) 2536736 /2390818 (Fax)
e-mail : iprsec.or@nic.in

News ID-IPR/H&FW (OD)/1010/Dt.08.01.2021

## କ୍ରୀଡ଼ା କ୍ଷେତ୍ରରେ ଆଘାତକୁ ଏଡ଼ାଇବା ଓ ଏହାର ନିରାକରଣ ସମ୍ଭବ
## : ମନ୍ତ୍ରୀ ଶ୍ରୀ ଦାସ

## କେୟାର ହସ୍‌ପିଟାଲ୍‌ର 'କ୍ରୀଡ଼ା ଆଘାତ ଏବଂ ପୁନର୍ବାସ' ବିଭାଗ ଉଦ୍‌ଘାଟିତ
### ଓଡ଼ିଶା ଓ ପୂର୍ବ ଭାରତର ଏହା ପ୍ରଥମ କେନ୍ଦ୍ର

ଭୁବନେଶ୍ୱର, ୦୮/୦୧/୨୦୨୧

କ୍ରୀଡ଼ା ସହ ଆଘାତ ସବୁବେଳେ ରହିଆସିଛି । ବର୍ତ୍ତମାନର ପ୍ରତିଦ୍ୱନ୍ଦ୍ୱିତାମୂଳକ ଓ ବୃତ୍ତିଗତ କ୍ରୀଡ଼ା କ୍ଷେତ୍ରରେ ଆଘାତପ୍ରାପ୍ତ ହେବା ଏକ ସମ୍ବେଦନଶୀଳ ଘଟଣା । ବେଳେବେଳେ ଗୁରୁତର ଆଘାତ ଯୋଗୁଁ ଖେଳାଳୀଙ୍କର ଖେଳଜୀବନ ଶେଷ ହୋଇଯିବାର ଦେଖାଯାଇଛି । ତେବେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି କ୍ରୀଡ଼ା କ୍ଷେତ୍ରରେ ଖେଳାଳୀମାନେ ସଚେତନ ରହିଲେ ଆଘାତର ମାତ୍ରା କମ୍ ହୋଇପାରେ ଓ ପରବର୍ତ୍ତୀ ସମୟରେ ସଠିକ୍ ଚିକିତ୍ସା ଦ୍ୱାରା ଭଲ ହୋଇପାରିବେ ଓ ପୂର୍ବପରି ନିଜର କ୍ରୀଡ଼ା ପ୍ରତିଭା ପ୍ରଦର୍ଶନ କରିପାରିବେ ବୋଲି ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଶ୍ରୀ ନବକିଶୋର ଦାସ ପ୍ରକାଶ କରିଛନ୍ତି ।

ଭୁବନେଶ୍ୱର କେୟାର ହସ୍‌ପିଟାଲ୍ ପରିସରରେ 'କ୍ରୀଡ଼ା ଆଘାତ ଓ ପୁନର୍ବାସ' ବିଭାଗର ଉଦ୍‌ଘାଟନ ଅବସରରେ ମୁଖ୍ୟଅତିଥି ଭାବେ ଯୋଗଦେଇ ମନ୍ତ୍ରୀ ଶ୍ରୀ ଦାସ କହିଲେ ଯେ ଓଡ଼ିଶାର ଖେଳାଳୀ ଓ ସାଧାରଣ ଲୋକ ଏହି ନୂତନ କେନ୍ଦ୍ରର ଚିକିତ୍ସା ସେବା ଦ୍ୱାରା ଉପକୃତ ହୋଇପାରିବେ । କେୟାର ହସ୍‌ପିଟାଲ୍ ଏହା ଫଳରେ ନିଜର ଲକ୍ଷ୍ୟ ହାସଲ କରିବା ସହ ଓଡ଼ିଶାର କ୍ରୀଡ଼ାବିତ୍‌ଙ୍କ ଆତ୍ମବିଶ୍ୱାସ ହାସଲ କରିବାରେ ସହାୟକ ହୋଇପାରିବ । ଏହା କ୍ରୀଡ଼ା ସହିତ ଜଡ଼ିତ ହେବା ପାଇଁ ଉତ୍ସାହିତ କରି ସାଧାରଣ ଜନତାଙ୍କୁ ସୁସ୍ଥ ରହିବାରେ ମଧ୍ୟ ସାହାଯ୍ୟ କରିବ । ଏହି ଅନ୍ତର୍ଜାତୀୟ ସ୍ତରର ଚିକିତ୍ସା ସୁବିଧା ପାଇଁ ମନ୍ତ୍ରୀ ଶ୍ରୀ ଦାସ କେୟାର ହସ୍ପିଟାଲ୍‌କୁ ଅଭିନନ୍ଦନ ଜଣାଇବା ସହ ଏହା ଆଗାମୀ ଜାତୀୟ ଓ ଅନ୍ତର୍ଜାତୀୟ କ୍ରୀଡ଼ା ପ୍ରତିଯୋଗିତା ଆୟୋଜନ ଓ ସଫଳ କରିବା ଦିଗରେ ନିଶ୍ଚିତ ଭାବେ ସହାୟକ ହେବ ବୋଲି ମତ ଦେଇଥିଲେ ।

ଏହି ଅବସରରେ ସମ୍ମାନିତ ଅତିଥିଭାବେ ଯୋଗଦେଇ ପଦ୍ମଶ୍ରୀ ଶ୍ରୀ ଦିଲ୍ଲୀପ ତିର୍କୀ, ଭାରତୀୟ ହକି ଦଳରେ ପୂର୍ବତନ ଅଧିନାୟକ କହିଲେ ଯେ, ଗତ କିଛି ବର୍ଷ ମଧ୍ୟରେ ରାଜ୍ୟ ସରକାର ହକି, କ୍ରିକେଟ୍ ଓ ଫୁଟବଲ ଭଳି ଅନେକ କ୍ରୀଡ଼ା ଟୁର୍ଣ୍ଣାମେଣ୍ଟ ଆୟୋଜନ କରିବା ସହ ଓଡ଼ିଶାକୁ ସଠିକ୍ ଭାବେ 'ସ୍ପୋର୍ଟସ କ୍ୟାପିଟାଲ୍ ଅଫ୍ ଇଣ୍ଡିଆ' ଭାବରେ ପରିଚିତ କରିଆସିଛି । ଓଡ଼ିଶାର ଏକ ଗର୍ବିତ ଖେଳ ସଂସ୍କୃତି ରହିଛି ଏବଂ ବିଶିଷ୍ଟ ଜାତୀୟ ତଥା ଅନ୍ତର୍ଜାତୀୟ ଆଥ୍‌ଲେଟସ୍‌ଙ୍କ ବହୁ ଅବଦାନ ରହିଛି । ଯେଉଁମାନେ ରାଜ୍ୟ ତଥା ଦେଶ ପାଇଁଗୌରବ ଆଣିଛନ୍ତି ।

ଅନ୍ୟତମ ସମ୍ମାନିତ ଅତିଥି ଭାବେ ଯୋଗଦେଇ ପୂର୍ବତନ ଭାରତୀୟ କ୍ରିକେଟର ତଥା ବିସିସିଆଇର ଜାତୀୟ ଚୟନକର୍ତ୍ତା ଶ୍ରୀ ଦେବାଶିଷ ମହାନ୍ତି ଭୁବନେଶ୍ୱରରେ କେୟାର ହସ୍‌ପିଟାଲ୍‌ରେ 'କ୍ରୀଡ଼ା ଆଘାତ ଏବଂ ପୁନର୍ବାସ' ବିଭାଗର ପ୍ରତିଷ୍ଠା ନିଶ୍ଚିତ ଭାବେ ସ୍ୱାଗତଯୋଗ୍ୟ ବୋଲି ମତଦେଇ କହିଲେ ଯେ ଏହି କେନ୍ଦ୍ର ଓଡ଼ିଶା ଓ

ପୂର୍ବ ଭାରତରେ ପ୍ରଥମ ଅଟେ । ଏହି ଅନୁଷ୍ଠାନ ଓଡ଼ିଶା ଏବଂ ପୂର୍ବ ଭାରତରେ କ୍ରୀଡ଼ାର ଉନ୍ନତି ଓ ଆଘାତପ୍ରାପ୍ତ ଖେଳାଳୀଙ୍କୁ ବିଶ୍ୱସ୍ତରୀୟ ଚିକିତ୍ସାସେବା ଯୋଗାଇ ଦେବା ଉପରେ ଧ୍ୟାନଦେବ ।

କାର୍ଯ୍ୟକ୍ରମରେ ଉପସ୍ଥିତ ରହି କେୟାର ହସ୍‌ପିଟାଲ୍ ଗ୍ରୁପ୍‌ର ସିଇଓ ଶ୍ରୀ ଜସ୍‌ଦୀପ୍ ସିଂ, ଏଚ୍‌ସିଓଓ ଗୁରିତ କୌର୍ ସେଠୀ, ଅର୍ଥୋପେଡିକ୍ ସ୍ପେସିଆଲିଷ୍ଟ ଡ. ସନ୍ଦୀପ ସିଂ ପ୍ରମୁଖ ଯୋଗଦେଇ କେୟାର ହସ୍‌ପିଟାଲ୍‌ର 'କ୍ରୀଡ଼ା ଆଘାତ ଓ ପୁନର୍ବାସ' ବିଭାଗର ଆବଶ୍ୟକତା ସଂପର୍କରେ ମତ ଦେଇ କହିଲେ ଯେ ଭାରତରେ କ୍ରୀଡ଼ା, ବ୍ୟାୟାମ ଏବଂ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ କେୟାର ହସ୍‌ପିଟାଲ୍‌ର ଏହି ବିଭାଗ ଆଥ୍‌ଲେଟସ୍‌ମାନଙ୍କର ଯତ୍ନ ସହ ପ୍ରାଥମିକ ଅବସ୍ଥାରେ ଆଘାତର ନିରାକରଣ, ଉପଯୁକ୍ତ ସର୍ଜିକାଲ ଓ ଅଣସର୍ଜିକାଲ ମ୍ୟାନେଜ୍‌ମେଣ୍ଟ ଓ ପ୍ରୋଟୋକଲ ଆଧାରିତ ପୁନର୍ବାସ ମାଧ୍ୟମରେ କ୍ରୀଡ଼ା ପ୍ରଦର୍ଶନ, ଆଘାତ ନିବାରଣ ଏବଂ ବହୁମୁଖୀ ପରିଚାଳନା ଦିଗରେ ଗୁରୁତ୍ୱ ଦେବା ସହ ସାଧାରଣ ଜନତାଙ୍କ ପାଇଁ ସ୍ୱାସ୍ଥ୍ୟ ଆବଶ୍ୟକତା ଏବଂ କ୍ରୀଡ଼ା ମାର୍ଗଦର୍ଶନ ପ୍ରଦାନ କରିବା ସହ କ୍ରୀଡ଼ା ଆଘାତ ପରିଚାଳନା ବିଷୟରେ ସ୍ୱାସ୍ଥ୍ୟସେବା ବୃତ୍ତିଧାରୀମାନଙ୍କୁ ଶିକ୍ଷା ଏବଂ ତାଲିମ ଦେବା ସହ କ୍ରୀଡ଼ାର ଉନ୍ନତି ବିଷୟରେ ସଚେତନତା ସୃଷ୍ଟି କରିବା ହେଉଛି କେୟାର ହସ୍‌ପିଟାଲ୍ 'କ୍ରୀଡ଼ା ଆଘାତ ଏବଂ ପୁନର୍ବାସ' ବିଭାଗର ମୁଖ୍ୟ ଆଭିମୁଖ୍ୟ ବୋଲି ମତ ଉପସ୍ଥାପନ କରିଥିଲେ ।

ବିଭୂତି ନାୟକ
ସୂଚନା ଅଧିକାରୀ